**DAV PUBLIC SCHOOLS, BHUBANESWAR**
**ANNUAL EXAMINATION, 2021-22**

- Please check that this question paper contains 03 printed pages.
- Check that this question paper contains 10 questions.
- Write down the Serial Number of the question in the left side of the margin before attempting it.

**CLASS-VI**
**SUBJECT- LOWER ODIA**

**TIME- 02 HOURS** **Maximum Marks – 40**

**ସାଧାରଣ ନିର୍ଦ୍ଦେଶାବଳୀ :**

- ନିର୍ଦ୍ଦେଶ ଅନୁସାରେ ସମସ୍ତ ପ୍ରଶ୍ନର ଉତ୍ତର ଲେଖ ।
- ଏହି ପ୍ରଶ୍ନପତ୍ରରେ ଚାରିଟି ବିଭାଗରେ ୧୦ଟି ପ୍ରଶ୍ନ ରହିଛି ।
- ସମସ୍ତ ପ୍ରଶ୍ନର ଉତ୍ତର ଦେବା ବାଧ୍ୟତାମୂଳକ ।
- ଅକ୍ଷର ସୁନ୍ଦର ଓ ପରିଷ୍କାର କରି ଲେଖିବା ଆବଶ୍ୟକ ।

**'କ' ବିଭାଗ – ପଠନ (୫)**

1. ନିମ୍ନ ଲିଖିତ ଅନୁଚ୍ଛେଦଟିକୁ ପଢି ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ପୂର୍ଣ୍ଣ ବାକ୍ୟରେ ଲେଖ । [1x5=5]

ଶ୍ରୀଫଳ ବା ନଡ଼ିଆ ଭାରତୀୟଙ୍କ ନିକଟରେ ସୁପରିଚିତ। ଭାରତ, ସିଂହଳ ଓ ପ୍ରଶାନ୍ତ ମହାସାଗର ଦ୍ୱୀପପୁଞ୍ଜରେ ବହୁଳ ନଡ଼ିଆ ଚାଷ କରାଯାଏ। ବାଲିଆ ମାଟି ନଡ଼ିଆ ଚାଷ ପାଇଁ ଅଧିକ ଉପଯୋଗୀ। ଅନୁର୍ବର ଓ ପଥୁରିଆ ମାଟିରେ ନଡ଼ିଆ ଲଗାଇବା ଅନୁଚିତ୍। ସାଧାରଣତଃ ଜୁଲାଇ ବା ଅଗଷ୍ଟ ମାସରେ ନଡ଼ିଆ ଲଗାଯାଏ। ନଡ଼ିଆ ଲଗାଇବା ବେଳେ ଗଛଗୁଡ଼ିକ ମଧ୍ୟରେ ଅତି କମରେ କୋଡ଼ିଏ ଫୁଟ୍ ବ୍ୟବଧାନ ରହିବା ଉଚିତ୍। ନଡ଼ିଆ ଲଗାଇବା ଜାଗାରେ ପୂର୍ବରୁ ତିନିଫୁଟ ଓସାର ଓ ପାଞ୍ଚଫୁଟ ଗଭୀରର ଗୋଲେଇ ଗାତ କରାଯାଏ। ଗାତ ଶୁଖିଲା ପରେ ସେଥିରେ ବାଲି, ପଙ୍କ, ପାଉଁଶ, ଖତ, ଲୁଣ ଓ ପିଡ଼ିଆ ଅନୁପାତରେ ଭର୍ତ୍ତି କରାଯାଏ। ନଡ଼ିଆ ଗଛର ଉପକାରିତା ଅସୀମ। ଏହାର ସର୍ବାଙ୍ଗ ଜାଳେଣି ହୁଏ। ନଡ଼ିଆ, ପଇଡ଼ ବିଭିନ୍ନ ପ୍ରକାର ଖାଦ୍ୟପେୟ ଭାବରେ ବ୍ୟବହୃତ ହୁଏ। ନଡ଼ିଆ କତାରୁ ପାପୋଛ, ଦଉଡ଼ି, ବ୍ରସ୍ ଓ ଖଡ଼ିକାରେ ଛାଞ୍ଚୁଣୀ, ମାଛଧରା ଯନ୍ତ୍ର ତିଆରି କରାଯାଏ। ସଢେଇରୁ ଡଙ୍କା, ବୋତାମ ଓ ବାଜା ଉପକରଣ ହୁଏ। ସେଇଥିପାଇଁ ତ କଥାରେ ଅଛି, ନଡ଼ିଆ ଫଳ ଭିତରେ ବଢିଆ।

କ. ନଡ଼ିଆ ଗଛଗୁଡ଼ିକ ମଧ୍ୟରେ ଅତି କମରେ କେତେ ଫୁଟ୍ ବ୍ୟବଧାନ ରହିବା ଉଚିତ୍?

ଖ. କେଉଁଥିରେ ମାଛଧରା ଯନ୍ତ୍ର ତିଆରି ହୁଏ?

ଗ. କେଉଁଠାରେ ବହୁଳ ଭାବରେ ନଡ଼ିଆ ଚାଷ କରାଯାଏ?

ଘ. ନଡ଼ିଆ କତାରୁ କ'ଣ ତିଆରି ହୁଏ?

ଙ. କେଉଁ ମାଟି ନଡ଼ିଆ ଚାଷ ପାଇଁ ଉପଯୋଗୀ?

**'ଖ' ବିଭାଗ – ଲିଖନ (୮)**

2. ଯେ କୌଣସି ଗୋଟିଏ ବିଷୟରେ ଅନୁଚ୍ଛେଦ ଲେଖ । [4x1=4]

ମୋ ଦେଶ, ଗ୍ରୀଷ୍ମ ଋତୁ, ବୃକ୍ଷର ଉପକାରିତା

3. ଦେଖିଥିବା ଏକ ମେଳା ବିଷୟରେ ବର୍ଣ୍ଣନା କରି ତୁମ ସାଙ୍ଗ ନିକଟକୁ ପତ୍ର ଲେଖ । [4x1=4]

କିମ୍ବା

ତୁମେ ପଢିଥିବା କୌଣସି ଏକ ବହି ବିଷୟରେ ବର୍ଣ୍ଣନା କରି ଅଜାଙ୍କ ନିକଟକୁ ପତ୍ର ଲେଖ ।

**'ଗ' ବିଭାଗ – ବ୍ୟାକରଣ (୧୨)**

4. କ. ଶବ୍ଦାର୍ଥ ଲେଖା। (୨ଟିର) [1x2=2]

ଦୁର୍ଲ୍ଲଭ, ଚଉପାଶ, ମଧୁକାଳ

ଖ. ବିପରୀତାର୍ଥବୋଧକ ଶବ୍ଦ ଲେଖ । (୨ଟିର) [1x2=2]

ଅପକାର, ଭଲ, ସୁଖ

5. କ. ଗଦ୍ୟ ରୂପ ଲେଖ । (୨ଟିର) [1x2=2]

ନିରିମଳ, କରମ, ସେନେହମୟୀ

ଖ. ବନ୍ଧନୀ ମଧ୍ୟରୁ ଠିକ୍ ଯୋଡ଼ାଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର । (୨ଟିର) [1x2=2]

[ଧଡ଼ପଡ଼, ଧୁଡୁଧୁଡୁ, ବିଡ଼ାବିଡ଼ା, ଥୁରୁଥୁରୁ, ଫୁରୁଫୁରୁ]

i. ପିଲାଟି ଶୀତରେ ________ ହେଉଛି।

ii. କାମରେ ଟିକିଏ ଖଇଚା ଦେଖିଲେ ମଧୁବାବୁ ________ ଜୋତା ପୋଡ଼ି ଦେଉଥିଲେ।

iii. ବୁଢା ଲୋକଟିର ଚମ ________ ହୋଇଗଲାଣି।

6. କ. ଏକ ପଦରେ ପ୍ରକାଶ କର। (୨ଟିର) [1x2=2]

i. ଯେଉଁମାନେ ଉଭୟ ଜଳ ଓ ସ୍ଥଳରେ ବିଚରଣ କରନ୍ତି -

ii. ଛାତିରେ ଭରା ଦେଇ ଚାଲୁଥିବା ପ୍ରାଣୀ -

iii. ଯେଉଁମାନେ ବନରେ ବିଚରଣ କରନ୍ତି -

ଖ. ଯୋଗ କର। (୨ଟିର) [1x2=2]

| କ | ଖ |
|---|---|
| ଝଙ୍କାଳିଆ | ସୂରୁଜ |
| ମନୋହର | ବୁଢା |
| ବାଲୁତ | ବରଗଛ |

**'ଘ' ବିଭାଗ – ସାହିତ୍ୟ (୧୫)**

7. ନିମ୍ନ ଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ସଂକ୍ଷେପରେ ଲେଖ । (୨ଟିର) [2x2=4]

କ. ଶୁଆଶାରୀ ଦୁହେଁ ଆନନ୍ଦରେ ଉଡ଼ିଗଲେ କାହିଁକି?

ଖ. ମାଟିକୁ ଆମେ ସ୍ନେହମୟୀ ବୋଲି କାହିଁକି କହିବା?

ଗ. ମହୁମାଛିଟିଏ ଆମର କି ଉପକାର କରେ?

8. ନିମ୍ନ ଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ସଂକ୍ଷେପରେ ଲେଖ । (୨ଟିର) [2x2=4]

କ. ଜିନିଷ ସବୁକୁ ସଜାଇ ନ ରଖିଲେ ଆମର କିକି ଅସୁବିଧା ହୋଇଥାଏ?

ଖ. ମଧୁବାବୁ ସୁଦାମ ଉପରେ କାହିଁକି ରାଗିଲେ?

ଗ. ଭିତରକନିକା ଲୁଣା ଜଙ୍ଗଲ କି ଉପକାରରେ ଆସେ?

9. ନିମ୍ନ ଲିଖିତ ପ୍ରଶ୍ନଗୁଡ଼ିକ ପଢ ଓ ସମ୍ଭାବ୍ୟ ଉତ୍ତରଗୁଡ଼ିକ ମଧ୍ୟରୁ ଠିକ୍ ଉତ୍ତରଟିକୁ ବାଛି ଲେଖ । [1x4=4]

କ. କେଉଁ ଫୁଲ ସଞ୍ଜରେ ଫୁଟି ସକାଳେ ଝରିପଡେ?

i. ପଲାଶ ii. ପଦ୍ମ iii. ଗଙ୍ଗଶିଉଳି iv. ଚମ୍ପା

ଖ. ପିଲାଟି ବାଲ୍ୟକାଳରେ ଗଛମୂଳେ ବସି କଅଣ କରୁଥିଲା?

i. ଗୀତ ବୋଲୁଥିଲା ii. ଧ୍ୟାନ କରୁଥିଲା iii.ବହି ପଢୁଥିଲା iv. ଚିତ୍ର ଆଙ୍କୁଥିଲା

ଗ. ଭିତରକନିକା କେଉଁ ଜିଲ୍ଲାରେ ଅବସ୍ଥିତ?

i. ସୁନ୍ଦରଗଡ ii. କେନ୍ଦ୍ରାପଡ଼ା iii. କଳାହାଣ୍ଡି iv. କେନ୍ଦୁଝର

ଘ. କେଉଁ କାରଣରୁ ଭଦ୍ରଲୋକ ଜୋରିମାନା ଦେଲେ?

i. ଟିକେଟ୍ ନ ପାଇବାରୁ ii. ଟିକେଟ୍ ନ କରିଥିବାରୁ

iii. ଟିକେଟ୍ ଚିରିଯାଇଥିବାରୁ iv. ଭୁଲ୍ ଜାଗାରେ ବସିଥିବାରୁ

10. ବିର୍ସା ମୁଣ୍ଡାଙ୍କର ଦେଶପ୍ରେମ ବିଷୟରେ ବର୍ଣ୍ଣନା କର। [3x1=3]